# Second Round of Foreign Office Consultations between India and Cuba

June 28, 2022

## ଭାରତ ଏବଂ କ୍ୟୁବା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଜୁନ 28, 2022**

ଭାରତ ଏବଂ କ୍ୟୁବା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 27 ଜୁନ 2022 ରେ ହାଭାନାରେ ଅନୁଷ୍ଠିତ ହୋଇଯାଇଛି। ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବାଞ୍ଚଳ) ଶ୍ରୀ ସୌରଭ କୁମାର ଏବଂ କ୍ୟୁବା ପକ୍ଷରୁ ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ଶ୍ରୀମତୀ ଅନାୟାନସୀ ରୋଡରିଗଜ୍ କାମେଜୋ ନେତୃତ୍ୱ ନେଇଥିଲେ।

2. ଏହି ଏଫଓସିରେ ଉଭୟ ପକ୍ଷ ସେମାନଙ୍କର ବିକାଶ ସହଭାଗୀତା ପ୍ରକଳ୍ପ, ବାଣିଜ୍ୟ ଓ ଅର୍ଥନୈତିକ ସମ୍ପର୍କ, ଏବଂ ପାରମ୍ପାରିକ ଔଷଧ ଓ ଯୋଗ ସମେତ ସ୍ୱାସ୍ଥ୍ୟ, ଅକ୍ଷୟ ଶକ୍ତି, ବାୟୋଟେକ୍ନୋଲୋଜି, କୃଷି, କ୍ରୀଡା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଆଇସିଟି ଆଦି କ୍ଷେତ୍ରରେ ସହଯୋଗ ସମେତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ମିଳିତ ଜାତିସଂଘରେ ସହଯୋଗ ସମେତ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମଧ୍ୟ ଉଭୟ ପକ୍ଷ ମତ ବିନିମୟ କରିଥିଲେ।

3. ସଚିବ (ପୂର୍ବାଞ୍ଚଳ) ଉପପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ରିକାର୍ଡୋ କ୍ୟାବ୍ରିସାସ ଏବଂ କାର୍ଯ୍ୟବାହକ ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ଜେରାର୍ଡୋ ପେନାଲଭରଙ୍କୁ ସାକ୍ଷାତ କରିଥିଲେ ଏବଂ କ୍ୟୁବା ଏବଂ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ବଢାଇବା ଉପରେ ମତ ବିନିମୟ କରିଥିଲେ।

4. ଏହି ଗସ୍ତ ସମୟରେ କ୍ୟୁବା ଭାରତରୁ ଚାଉଳ କ୍ରୟ ପାଇଁ 100 ମିଲିୟନ ୟୁରୋ ମୂଲ୍ୟର ସ୍ୱଳ୍ପ ମିଆଦି ଋଣ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ଭାରତର ସ୍ୱାଧୀନତାର 75 ବର୍ଷ ପୂର୍ତ୍ତି ପାଳନ ପାଇଁ କ୍ୟୁବା ସରକାରଙ୍କ ଦ୍ୱାରା ଏକ ଡାକ ଟିକଟ ଜାରି କରାଯାଇଥିଲା।

5. ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଏକ ଉଷ୍ମ ଓ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣରେ ଅନୁଷ୍ଠିତ ହୋଇଥିଲା।

**ହାଭାନା**

**ଜୁନ 27, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.